# Akashvani, Sambalpur

## SAMBALPURI NEWS EVENING BULLETIN

## 09 October 2025- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୧ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାର୍ କର୍‌ବେ ଶୁଭାରମ୍ଭ ।

- ଭୁବ୍‌ନେଶ୍ୱର୍ ନ ଷ୍ଟେଟ୍ ଅଫ୍ ଦ ଆର୍ଟ ହୋଲ୍‌ସେଲ୍ ମାଛ ବଜାର୍ ଆଉ ହୀରାକୁଦ୍ ଇଂଟିଗ୍ରେଟେଡ୍ ଆକ୍ୱାପାର୍କର ଆଭାସୀ ଜରିଏ କର୍‌ବେ ଶିଳାନ୍ୟାସ୍ ।

୨- ଜୟନ୍ତୀ ଅବ୍‌ସରେ ଉତ୍କଳମଣି ଗୋପବନ୍ଧୁ ଦାସ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନାଲେ ରାଜ୍ୟବାସୀ ।

୩- ନୂଆପଡ଼ା ଉପନିର୍ବାଚନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଠାନେ ହେଲା ସର୍ବଦଳୀୟ ବୈଠକ୍ ।

- ବାହାର୍‌ଲା ଚୂଡ଼ାନ୍ତ ଭୋଟର୍ ତାଲିକା ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏବାକାଏଲ୍‌ଠାନୁ ମୁଲ୍ ହେବା ନେସ୍‌ନାଲ୍ ଜୁନିଅର୍ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ।

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା          I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୧ ତାରିଖ୍ ଦେଶେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଠାନେ ଷ୍ଟେଟ୍ ଅଫ୍ ଦ ଆର୍ଟ ହୋଲ୍‌ସେଲ୍ ମାଛ ବଜାର୍ ଆଉ ହୀରାକୁଦ୍ ଇଂଟିଗ୍ରେଟେଡ୍ ଆକ୍ୱାପାର୍କର ଆଭାସୀ ଜରିଏ ଶିଳାନ୍ୟାସ୍ କର୍‌ବେ । କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍‌ଙ୍କର୍ ଅଧକ୍ଷତାଥି ଆଏଜ୍ ହେଇଥିବା ରାଜ୍ୟ କୃଷିମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ବୈଠକ୍‌ଥି ଓଡ଼ିଶାର୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ୧୧ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ନୂଆଦିଲ୍ଲୀ ନୁ ଆଭାସୀ ଜରିଏ ଯୋଜ୍‌ନା ମାନ୍‌କର୍ ଶୁଭାରମ୍ଭ କର୍‌ବାର୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଚାଷୀମାନ୍‌କର୍ ସାଙ୍ଗେ ଭିଲ୍ କଥାବାର୍ତା ହେବେ । କାର୍ଯ୍ୟକ୍ରମ୍ ମାନ୍‌କର୍ ସିଧାପ୍ରସାରଣ୍ ରାଜ୍ୟର୍ କୃଷି ବିଜ୍ଞାନ୍ କେନ୍ଦ୍ରମାନ୍‌କେ ହେବା ।

ଉତ୍କଳମଣି ଗୋପବନ୍ଧୁ ଦାସ    I&PR/ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ୍‌ସେବୀ, ସାମ୍ବାଦିକ, କବି ଆର୍ ଲେଖକ ଉତ୍କଳମଣି ପଣ୍ଡିତ୍ ଗୋପବନ୍ଧୁ ଦାସ୍‌ଙ୍କର୍ ଆଏଜ୍ ସାରା ରାଏଜେ ଶହେ ୪୮ ନମ୍ବର୍ ଜୟନ୍ତୀ ପାଲନ୍ କରାଯାଉଛେ । ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ଦିନ ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଗାଁ ନ ସେ ଜନମ୍ ହେଇଥିଲେ । ଓଡ଼ିଶା ନ ସ୍ୱାଧୀନତା ସଂଗ୍ରାମ୍‌କେ ଚଲାବାର୍‌ଥି ନେତୃତ୍ୱ ନେଇଥିବା ଗୋପବନ୍ଧୁ ଦାସ ସାରା ଜୀବନ୍ ଓଡ଼ିଆ ଭାଷାର୍ ସୁରକ୍ଷା ଆର୍ ପ୍ରାକୃତିକ୍ ବିପର୍ଯ୍ୟୟକେ ସାମ୍ନା କରୁଥିବା ଓଡ଼ିଶାର୍ ଲୁକ୍‌କୁ ରିଲିଫ୍ ପୁହୁଁଚାବାର୍ ସଙ୍ଗେ ଓଡ଼ିଆ ସାମ୍ବାଦିକତା କ୍ଷେତ୍ର ନ ଅଗ୍ରଣୀ ଭୂମିକା ନେଇଥିଲେ । ତାଙ୍କର୍ ଜୟନ୍ତୀ ଅବ୍‌ସରେ ବିଧାନ୍‌ସଭା ପରିସର୍ ନ ଆଏଜ୍ ସଖାଲ୍‌ବେଲା ଗୋପବନ୍ଧୁ ଜୟନ୍ତୀ ପାଲିତ୍ ହେଇଯାଇଛେ । ପରିସର୍ ନ ଥିବା ଗୋପବନ୍ଧୁଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କର୍ ଉତ୍ସର୍ଗୀକୃତ ଜୀବନ୍, ତ୍ୟାଗ ଆଉ ନିସ୍ୱାର୍ଥ ସେବା ସବୁଦିନର୍ ଲାଗି ପ୍ରେରଣା ସାଜ୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଜୟନ୍ତୀ ଅବ୍‌ସରେ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ବିଶିଷ୍ଟ ବ୍ୟକ୍ତିମାନେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଆଏଜ୍ ସଞ୍ଜ୍‌ବେଳେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ଗୋପବନ୍ଧୁ ଜୟନ୍ତୀ ସମାରୋହ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ ।

## ନୂଆପଡ଼ା ଉପନିର୍ବାଚନ୍- ସର୍ବଦଳୀୟ ବୈଠକ୍ I&PR

ନଭେମ୍ବର୍ ୧୧ ତାରିଖ୍ ହେବାର୍‌କେ ଥିବା ନୂଆପଡ଼ା ଉପ ନିର୍ବାଚନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଠାନେ ଗୁଟେ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି କହିଛନ୍, ଉପ ନିର୍ବାଚନ୍‌କେ ସ୍ୱାଧୀନ୍ ଅବାଧ ଆଉ ନିରପେକ୍ଷ କର୍‌ବାର୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସବୁ ବ୍ୟବସ୍ଥା କରାଯାଉଛେ । ଆୟୋଗଙ୍କର୍ ତର୍‌ଫୁ ଜାରି ହେଇଥିବା ସବୁ ମାର୍ଗଦର୍ଶିକାକେ କଡ଼ାକଡ଼ି ଭାବେ ପାଳନ୍ କର୍‌ବାର୍ ଲାଗି ଶ୍ରୀ

ଗୋପାଲନ୍ ସବୁ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍‌କୁ କହିଛନ୍ । ଇ ବଛର୍ ଆୟୋଗଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ଫି’ ବୁଥ୍ ନ ଭୋଟର୍ ସଂଖ୍ୟା ୧୨ ଶହ ଭିତ୍‌ରେ ସିମିତ ରଖାଯାଇଛେ । ଉପ ନିର୍ବାଚନ୍ ତାରିଖ୍ ଘୋଷ୍‌ନା ସଙ୍ଗେ ଆଦର୍ଶ ଆଚରଣ ସଂହିତା ଲାଗୁ ହେଇଥିବାର୍‌ନୁ ବୈଦ୍ୟୁତିକ, ଛାପା, ସାମାଜିକ୍ ଗଣମାଧ୍ୟମ୍ ଆଉ ଅଲ୍‌ଗା ଗଣମାଧ୍ୟମ୍ ମାନ୍‌କେ ବିଜ୍ଞାପନ୍ ଜାରି କର୍‌ବାର୍ ଆଘୋନୁ ନିର୍ବାଚନ୍ ଆୟୋଗଙ୍କର୍ ଅନୁମତି ନେବାର୍ ଜରୁରୀ ଆଏ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ନୂଆପଡ଼ା ଭୋଟର୍ ତାଲିକା ନୂଆପଡ଼ା ସମ୍ବାଦଦାତା

ସେଆଡ଼େ ନୂଆପଡ଼ା ବିଧାନ୍‌ସଭାର୍ ଚୂଡ଼ାନ୍ତ ଭୋଟର୍ ତାଲିକା ଆଏଜ୍ ବାହାରିଛେ । ଜିଲ୍ଲା ମୁଖ୍ୟାଳୟ ଠାନେ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ୍ ତାଲିକା ପ୍ରକାଶ୍ କରିକରି କହିଛନ୍, ଇ ନିର୍ବାଚନ୍‌ଥି ମୋଟ୍ ୨ ଲାଖ୍ ୫୩ ହଜାର୍ ୬ ଶହ ୨୪ ଝନ୍ ଭୋଟର୍ ଭୋଟ୍ ଦେବେ । ସେଥିର୍‌ଭିତ୍‌ରୁ ୧ ଲାଖ୍ ୨୪ ହଜାର୍ ଶହେ ୮ ଝନ୍ ପୁରୁଷ ଭୋଟର୍ ଥିଲା ବେଲ୍‌କେ ୧ ଲାଖ୍ ୨୯ ହଜାର୍ ୪ ଶହ ୯୫ ଝନ୍ ମହିଳା ଭୋଟର୍ ଅଛନ୍ । ସେନ୍ତା ୧ ହଜାର୍ ୭ ଶହ ୮୭ ଝନ୍ ବରିଷ୍ଠ ନାଗରିକ୍, ୯ ହଜାର୍ ୪ ଶହ ୨୯ ଝନ୍,

ଯୁବ ଭୋଟର୍ ଆଉ ୩ ହଜାର୍ ୯ ଶହ ୮୮ ଝନ୍ ଦିବ୍ୟାଙ୍ଗ ଭୋଟର୍ ଅଛନ୍ ବଲି ଜିଲ୍ଲାପାଲ୍ କହିଛନ୍ ।

ବିଜେପି ସାଂସଦ୍, ବିଧାୟକ୍ ପ୍ରଶିକ୍ଷଣ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ରାଜ୍ୟ ବିଜେପି କାର୍ଯ୍ୟାଲୟ ଠାନେ ଜନଜାତି ବିଧାୟକ୍ ଆଉ ସାଂସଦ୍ ମାନ୍‌କର୍ ପ୍ରଶିକ୍ଷଣ୍ ଶିବିର୍‌କେ ଆଏଜ୍ ରାଜ୍ୟ ବିଜେପି ସହପ୍ରଭାରୀ ଲତା ଉଷେଣ୍ଡି ଉଦ୍‌ଘାଟନ୍ କରିଛନ୍ । କର୍ମଶାଳାଥି଼ ଜନଜାତିଙ୍କର୍ ବିକାଶ୍ ସଙ୍ଗେ ଜୁଡ଼ି ହେଇକରି ଥି଼ବା ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନାର୍ କ୍ଷେତ୍ରପ୍ରସ୍ତୁତି ଆଉ ଯାଂଚ୍ ବାବ୍‌ଦେ ଆଲୋଚନା କରାଯାଇଛେ । ଖାସ୍ କରି ଜନଜାତି ବର୍ଗର୍ ଲୁକ୍‌କର୍ କମାନୀ ବଢ଼ାବାର୍ ସହେତେ ସେମାନ୍‌କୁ ଆତ୍ମନିର୍ଭର୍ କର୍‌ବାର୍ ଆଉ ଦାଦନ୍ ମୁକ୍ତ ସମାଜ୍ ଗଠନ୍ କର୍‌ବାର୍ ବାବ୍‌ଦେ କର୍ମଶାଳାଥି଼ ଜୋର୍ ଦିଆଯାଇଛେ । ନିଜର୍ କ୍ଷେତ୍ର ନ ୨୦ ନୁ ୨୫ ଟା ଗାଁକେ ପୋଷ୍ୟ ଭାବେ ଗ୍ରହଣ୍ କର୍‌ବାର୍‌କେ ସାଂସଦ୍ ଆଉ ବିଧାୟକ୍ ମାନ୍‌କୁ ପରାମର୍ଶ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି଼ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍, ରାଷ୍ଟ୍ରୀୟ ସଂଗଠନ୍ ମହାମନ୍ତ୍ରୀ ବି.ଏଲ୍ ସନ୍ତୋଷ୍, ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ସମୀର୍ ଓରାଓଁ

ଆଉ ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଉପସ୍ଥିତ୍ ଥିଲେ ।

ସାହିତ୍ୟ-ନୋବେଲ୍ ପୁରସ୍କାର ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ସାହିତ୍ୟ ଲାଗି ନୋବେଲ୍ ପୁରସ୍କାର୍ -୨୦୨୫ ଘୋଷ୍ନା କରାଯାଇଛେ । ହଙ୍ଗେରିର୍ ବିଶିଷ୍ଟ ସାହିତ୍ୟିକ ଲାସ୍ଲୋ କ୍ରାଷ୍ନାହୋର୍କାଇ ଇ ବଛର୍ ସମ୍ମାନ୍ ଜନକ୍ ନୋବେଲ୍ ସାହିତ୍ୟ ପୁରସ୍କାର୍ ପାଏବେ । ହଙ୍ଗେରୀର୍ ଗୃହଯୁଦ୍ଧ, ଆତଙ୍କବାଦ୍ ଆଉ କ୍ଷମତାର୍ ଲଢ଼େଇ ଭିତ୍ରେ ସାହସିକ ଲେଖାର୍ ଲାଗି ତାଙ୍କୁ ଇ ପୁରସ୍କାର୍ ଦିଆଯିବା ।

ହୀରାକୁଦ୍ ପର୍ଯ୍ୟଟନ୍ ପ୍ରକଳ୍ପ ସମୀକ୍ଷା I&PR

ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ହୀରାକୁଦ୍ ପର୍ଯ୍ୟଟନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । କେନ୍ଦ୍ର ସର୍କାର୍ଙ୍କର୍ ରାଜ୍ୟମାନ୍କର୍ ଲାଗି ପୁଞ୍ଜିନିବେଶ୍ ସହାୟତା ପ୍ରକଳ୍ପଥି ଥିବା ହୀରାକୁଦ୍ର ୨ ଟା ପ୍ରକଳ୍ପର୍ ମାଷ୍ଟର୍ ପ୍ଲାନ୍ ବାବ୍ଦେ ସମୀକ୍ଷା କରାଯାଇଥିଲା । ପର୍ଯ୍ୟଟନ୍ ବିଭାଗ୍ର ଆୟୁକ୍ତ ବଳବନ୍ତ ସିଂ ହୀରାକୁଦ୍

ମାଷ୍ଟର୍ ପ୍ଲାନ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ଖାସ୍ କରି ପ୍ରକଳ୍ପଥି ତିଆର୍ ହେବାର୍‌କେ ଥିବା ହୀରାକୁଦ୍ ବନ୍ଧ ସଂଗ୍ରହାଳୟ ଆଉ ପ୍ରକଳ୍ପ ଲାଗି ଭିନ୍ ଭିନ୍ ବିଭାଗ୍‌ର ଅନୁମୋଦନ୍ ସାଙ୍ଗେ ବହୁତ୍‌ଟେ ବିଷୟ ଉପ୍‌ରେ ଆଲୋଚନା କରାଯାଇଥିଲା । ପ୍ରସ୍ତାବିତ୍ ପ୍ରକଳ୍ପମାନ୍‌କୁ ଠିକ୍ ସମିଆଥି ସାର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ଇ ଅବ୍‌ସରେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବାଲ୍ୟବିବାହ ନିରୋଧୀ ଟାସ୍କଫୋର୍ସ ବୈଠକ୍/ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ବାଲ୍ୟ ବିବାହ ରୁକ୍‌ବାର୍ ଆଉ କିଶୋରୀ ସଶକ୍ତିକରଣ୍ ଜିଲ୍ଲା ଟାସ୍କଫୋର୍ସ ସମିତିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ବାଲ୍ୟବିବାହ ଥିତି ଇଟାକେ ରୁକ୍‌ବାର୍ ଦିଗେ ପୁଲିସ୍‌ର ଭୂମିକା ବାବ୍‌ଦେ ଆଲୋଚନା କରିଥିଲେ । ଶିକ୍ଷା ବିଭାଗ୍ ଅଧିକାରୀମାନେ ଅଧାନୁ ପାଠ୍‌ପଢ଼ା ଛାଡ଼ିଥିବା ଛୁଆମାନ୍‌କର୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଆଇନ୍ ସେବା ପ୍ରାଧିକରଣ୍ ସଦସ୍ୟ ମାନେ ଇ ବାବଦ୍ ଆଇନ୍ ଉପ୍‌ରେ ବୁଝେଇଥିଲେ ।

ଆକାଶ୍‌ବାଣୀ ସମ୍ବଲ୍‌ପୁର-ହିନ୍ଦୀ ପକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ଆଏଜ୍ ହିନ୍ଦୀ ପକ୍ଷ ଉଦ୍‌ଯାପିତ୍ ହେଇଯାଇଛେ । ସେପ୍ଟେମ୍ବର୍ ୧୪ ତାରିଖ୍ ନୁ ମୁଲ୍ ହେଇକରି ୨୮ ତାରିଖ୍‌ତକ୍ କର୍ମଚାରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ଆୟୋଜନ୍ କରାଯାଇଥିଲା । ଆଝିର୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରର ଅଭିଯାନ୍ତ୍ରିକ ନିର୍ଦ୍ଦେଶକ୍ ସନ୍ତୋଷ୍ କୁମାର୍ ପ୍ରଧାନ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ଭାରତ୍ ସର୍‌କାର୍‌ଙ୍କର୍ ହିନ୍ଦୀ ବିଭାଗ୍ ଅଧୀନ୍‌ଥି ଥିବା ହିନ୍ଦୀ ଶିକ୍ଷଣ ଯୋଜ୍‌ନାର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ୍, ରାଜ୍‌ଭାଷା ଡି. ଶଙ୍କର୍ ଦୋରା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ଅଭିଯାନ୍ତ୍ରିକି ସୁବୋଧ୍ କୁମାର୍ ପାଲ୍ ଆର୍ ହିନ୍ଦୀ ଅଧ୍ୟାପକ ରବୀନ୍ଦ୍ର ଶର୍ମା ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ସମାରୋହଥି କୃତି ପ୍ରତିଯୋଗୀମାନ୍‌କୁ ପ୍ରମାଣ୍‌ପତ୍ର ପ୍ରଦାନ୍ କରାଯାଇଥିଲା । କେନ୍ଦ୍ରର୍ ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର୍ ସ୍ୱାଗତ୍ ଭାଷଣ୍ ଦେବାର୍ ସହେତେ କାର୍ଯ୍ୟକ୍ରମ୍ ସଂଚାଳନ୍ କରିଥିଲେ ।

ବିଶ୍ୱ ଦୃଷ୍ଟି ଦିବସ I&PR

ଆଏଜ୍ ହେଉଛେ ବିଶ୍ୱ ଦୃଷ୍ଟି ଦିବସ । ଚକ୍ଷୁ ରୋଗ ଆଉ ଦୃଷ୍ଟିଶକ୍ତି ସମସ୍ୟାର୍ ପ୍ରତିରୋଧ୍ ଆଉ ପ୍ରତିକାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି' ବଛର୍ ଅକ୍ଟୋବର୍ ମାସର୍ ୨ ନମ୍ବର୍ ଗୁରୁବାର୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବିଶ୍ୱ ଦୃଷ୍ଟି ଦିବସ୍‌ର ଇ ବଛ୍‌ରର୍ ବାର୍ତା ହଉଛେ 'ଆଖିକୁ ଭଲ ପାଅ' । ଇ ଅବ୍‌ସରେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ବିଶ୍ୱ ଦୃଷ୍ଟିଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହରର୍ ମର୍ଜାକୁଦ ଠାନେ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟିଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ସଂଘମିତ୍ରା ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଇ ଅବ୍‌ସରେ ଗୁଟେ ସଚେତନତା ସଭା ହେଇଥିଲା ।

ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍‌ଠାନୁ ୪୦ ନମ୍ବର୍ ନେସ୍‌ନାଲ୍ ଜୁନିଅର୍ ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ପ୍ରତିଯୋଗିତା ମୁଳ୍ ହେବା । ୧୪ ତାରିଖ୍ ତକ୍

କରାଯାଇଥିବା ପ୍ରତିଯୋଗିତାଥି ସାରା ଦେଶୁ ପାଖାପାଖି ୨ ହଜାର୍ କ୍ରୀଡ଼ାବିତ୍ ଭାଗ୍ ନେବେ । ଇଥି ଓଡ଼ିଶାର୍ ୩୮ ଝନ୍ ପୁରୁଷ ଆଉ ୩୭ ଝନ୍ ମହିଳା କ୍ରୀଡ଼ାବିତ୍ ଭାଗ୍ ନଉଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ଘୂର୍ଣ୍ଣିବଳୟର୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ଉତର୍ ବଙ୍ଗୋପ୍ସାଗର୍ ଆର୍ ତାର୍ ପାଖର୍ ଇଲାକା ନ ଫେର୍ଗୁଟେ ଘୂର୍ଣ୍ଣିବଳୟ ହେଇପାରେ । ଇତାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ସହେତେ କେତେଟା ଜାଗା ନ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।